# ମୟୂରଭଞ୍ଜ ପୁସ୍ତକ ମେଳା: ଷଷ୍ଠ ସନ୍ଧ୍ୟାରେ ସାରସ୍ୱତ ଆସର



**ବାରିପଦା, ୨୯ ।୧(ସମିସ)**

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ସାରସ୍ୱତ ଆସର ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କ ପ୍ରବନ୍ଧ, ଏକକ ଅଭିନୟ ଓ ସଙ୍ଗୀତ ପ୍ରତିଯୋଗିତାରୁ ଏହି ଆସର ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟା ଅଧ୍ୟାପିକା ଡ. ଗାୟତ୍ରୀ ଦେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ତୋତ୍ରପାଠ କରିଥିଲେ। କବି ଓ ନାଟ୍ୟକାର ଅଜିତ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ପାଳ, ଜିଲ୍ଲା ସମ୍ପାଦକ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀଙ୍କ ପୌରୋହିତ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ବିଶିଷ୍ଟ କବୟିତ୍ରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷକ ଡ. ନାରାୟଣ ପ୍ରସାଦ ବେହେରା, ଅଧକ୍ଷ ଏମ୍‌ପିସି ସ୍ୱୟଂଶାସିତ କଲେଜ, ଯୁବ ସାହିତ୍ୟିକ ତାପସ ରଞ୍ଜନ ମଲ୍ଲିକ, ତହସିଲଦାର କୁଳିଅଣା ଓ ବିଶିଷ୍ଟ ସ୍ତମ୍ଭକାର କଲ୍ୟାଣ କୁମାର ସିହ୍ନା, ବରିଷ୍ଠ ସାମ୍ବାଦିକ ମୁଖ୍ୟଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଓ ଲେଖକମାନେ ସମାଜ ସୁଧାରକ। ଆଜିର ଦିନରେ ଜନସାଧାରଣ ଓ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ପଠନମୁଖୀ କରିବା ପାଇଁ ପୁସ୍ତକ ମେଳା ଆୟୋଜନ ଉପରେ ଗୁରୁତ୍ୱ ଦେବା ସହିତ ମେଳାରୁ ପ୍ରତ୍ୟେକେ ନିଜ ପସନ୍ଦ ମୁତାବକ ଉପାଦେୟ ପୁସ୍ତକ କ୍ରୟକରି ଜ୍ଞାନର ପରିସୀମା ପରିବ୍ୟାପ୍ତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ।

ଏ ଅବସରରେ କବି ଓ ପ୍ରବନ୍ଧିକା ଡଃ ଅର୍ଚ୍ଚନା ପ୍ରଧାନଙ୍କ ଦୁଇଟି ସାରସ୍ୱତ ଉପହାର କବିତା ସଂକଳନ 'ଅନ୍ତର୍ଧାରା' ଓ ଆଲୋଚନା ପୁସ୍ତକ 'କିଛି ସୃଷ୍ଟି କିଛି ଦୃଷ୍ଟି' ଲୋକାର୍ପଣ ହୋଇଥିଲା। ଲେଖିକା ନିଜର ଦୁଇ ସୃଷ୍ଟି ଉପରେ ସଂକ୍ଷିପ୍ତ ଲେଖକୀୟ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଦୁଇଟିର ସଂକ୍ଷେପ ସମୀକ୍ଷା କରିଥିଲେ ମୁଖ୍ୟବକ୍ତା ଡ.ବେହେରା। କାର୍ଯ୍ୟକ୍ରମ ପରିଚାଳନାରେ ଶିଉଲାଲ ମହାନ୍ତ, ଜୟଶ୍ରୀ ଜେନା, କାବେରୀ ମିଶ୍ର, ବାସନ୍ତୀଲତା ମହାପାତ୍ର, ଗୋପାଳ ସାଓ, ଡ. ସଞ୍ଜୀ କୁମାର ପାଣିଗ୍ରାହୀ, ଶିବ ଚରଣ ନାଏକ, ଡଃ. ଶଶୀଧର ବିଶ୍ୱାଳ, ବୀଣାପାଣି ପଣ୍ଡା, ଅଜିତ କବାଟ ଓ କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଗାଳ୍ପିକା ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରଡ଼ା ଉତ୍ସବ ଉଦ୍‌ଯାପିତ: ଗୌତମ ଓ ଅନୁରାଧାଙ୍କ ଗୀତରେ ଝୁମିଲେ ଦର୍ଶକ



**ମୋରଡା, ୨୯।୧(ସମିସ):** ସାଧାରଣତନ୍ତ୍ର ଦିବସରେ ଆରମ୍ଭ ହୋଇଥିବା ଚିତ୍ରଡା ଉତ୍ସବ ଉଦ୍‌ଯାପିତ ହୋଇଛି। ମାର୍କେଟ ସାହି ମା' ତାରିଣୀ ଯୁବକ ସଙ୍ଘ ଆନୁକୂଲ୍ୟରେ ତିନି ଦିନ ଧରି ବିଭିନ୍ନ ଜିମ୍ନାଷ୍ଟିକ କ୍ରୀଡା ପ୍ରତିଯୋଗିତା ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ବିଭିନ୍ନ ପ୍ରକାର ଜିମ୍ନାଷ୍ଟିକ ଖେଳ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟଅତିଥି ସମିତି ସଭ୍ୟ ତନୟ ଦାସ, ମୁଖ୍ୟବକ୍ତା ସରପଞ୍ଚ ମାଳତୀ ମାର୍ଣ୍ଡି, କମିଟିର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ସିଂବାବୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ଝୁମର କଳା ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୌତମ ମହାନ୍ତ ଓ କରମ ରାଜା ଝୁମର ପ୍ରତିଷ୍ଠାନର କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟାର ଲୋକଙ୍କ ଭିଡ଼ ଜମିଥିଲା। ତୃତୀୟ ତଥା ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରାଉତ, ମୁଖ୍ୟବକ୍ତା ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ସମ୍ମାନିତ ଅତିଥି ମୋରଡା ମା' ଶୀତଳା ଡ୍ରେସର ମୁଖ୍ୟ, କମିଟିର ବରିଷ୍ଠ ସଦସ୍ୟ ଭୁବନ ଜିତବାବୁ, ଲିପ୍ସା ଦେହୁରୀ, ଅମରେନ୍ଦ୍ର ସିଂବାବୁ ପ୍ରମୁଖ ଯୋଗ ଦେଇ ଚିତ୍ରଡା ମାଟି ସ୍ୱାଭିମାନର ମାଟି ଓ ଏ ମାଟିରୁ କେମିତି ପ୍ରତିଭାଧାରୀ ଖେଳାଳି ମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନାମ କରି ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ତେବେ ଚଳିତବର୍ଷ କମିଟି ତରଫରୁ ବେଷ୍ଟ ଭୋଲେନଟିୟାର ଭାବେ ରାଜୁ ମହାନ୍ତଙ୍କୁ ଚୟନ କରାଯାଇଛି।

## ଯୋଗେନ୍ଦ୍ର ହେଲେ ସାଂସଦଙ୍କ ଡିଆର୍‌ଡିଏ ପ୍ରତିନିଧି

**ମହୁଲଡିହା, ୨୯।୧(ସମିସ):** କେନ୍ଦୁଝରେ ସାଂସଦ ଅନନ୍ତ ନାୟକଙ୍କ ମୟୂରଭଞ୍ଜ ଡିଆରଡିଏ ପ୍ରତିନିଧି ଭାବେ ଯୋଗେନ୍ଦ୍ର ମହାନ୍ତ ଯୋଗଦାନ କରିଛନ୍ତି। ସାଂସଦ



ଗତ ୨୭ ତାରିଖରେ ଏ ସଂକ୍ରାନ୍ତରେ ଡିଆରଡିଏ ସିଇଓଙ୍କୁ ଚିଠି କରିବା ସହ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଯୋଗେନ୍ଦ୍ର ୨୯ ତାରିଖରେ ବାରିପଦାସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ନିଯୁକ୍ତି ପତ୍ର ହସ୍ତାନ୍ତର କରି ଯୋଗଦାନ କରିଛନ୍ତି। ସେ ତାଙ୍କର ଯୋଗଦାନ ପତ୍ର ଏଡିଏମ ଦୁଖବନ୍ଧୁ ନାୟକଙ୍କୁ ଦେଇଛନ୍ତି। ଯୋଗେନ୍ଦ୍ର ସାଂସଦଙ୍କ ପ୍ରତିନିଧି ଭାବେ ଡିଆରଡିଏରେ ସମସ୍ତ ବୈଠକରେ ଅଂଶଗ୍ରହଣ କରିବା ସହ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ ବୋଲି କହିଛନ୍ତି।

## ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଶ୍ରାଦ୍ଧ ଦିବସ

**ବାରିପଦା, ୨୯ ।୧(ସମିସ):** ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ ସ୍ୱର୍ଗତ ମାଝୀଙ୍କ ସେବା ଓ ଅବଦାନକୁ ସ୍ମରଣ କରିଥିଲେ। ଉପାଧକ୍ଷା ସଂଘମିତ୍ରା ନାୟକ, ଜ୍ଞାନରଞ୍ଜନ ପଣ୍ଡା, ଦେବଶ୍ରୀତା ବିଶ୍ୱାଳ, ସୁଜାତା ପାଲ, କବିତା ସାହୁ, ଲକ୍ଷ୍ମୀ ଚାପିଆର, ସଂଯୁକ୍ତା ମହାନ୍ତ, ସିରାମ ଟୁଡୁ, ଡ. ଠାକୁରା ଚରଣ ମାରାଣ୍ଡି, ଜ୍ୟୋତିର୍ମୟୀ ଗିରି, ଏନଏସଏସ ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକ, ରେଡକ୍ରସ ଇନଚାର୍ଜ ପୂଜା ଶତପଥୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୟୂରଭଞ୍ଜ ସାଇନ୍ସ ଉଚ୍ଚମାଧ୍ୟମିକ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଚିତ୍ତରଞ୍ଜନ ପତିଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ

**ବାରିପଦା, ୨୯ ।୧(ସମିସ):** ଚିତ୍ତରଞ୍ଜନ ପତି ଫାଉଣ୍ଡେସନ ପକ୍ଷରୁ ସମାଜସେବୀ ତଥା ସୁସଂଗଠକ ସ୍ୱର୍ଗତ ଚିତ୍ତରଞ୍ଜନ ପତିଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡକ୍ଟର ମନତୋଷ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ନାସା ଫାଉଣ୍ଡେସନର ସଭାପତି ଡକ୍ଟର ସରୋଜ ନାୟକ ମୁଖ୍ୟଅତିଥି, ଗୋପବନ୍ଧୁ ସାହିତ୍ୟ ସଂସଦ ସମ୍ପାଦକ ଅମିତାଭ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ପତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଶୀଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀନାରାୟଣ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଦୀପ୍ତ ପତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଜଗନ୍ନାଥ ଗୁରୁକୁଳର ବାର୍ଷିକ ଉତ୍ସବ

**ସାନକେରକୋ, ୨୯ ।୧(ସମିସ):** ବଡ଼ସାହି ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତ ଅଧୀନସ୍ଥ ସାନନୂଆଗାଁ ( ବାଗାନ)ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାନେତ୍ରୀ ଅଞ୍ଜଳି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବ୍ରଜଗୋପାଳ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରତାପ କେଶରୀ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ପରିଷଦର ଆବାହକ ଡା ଆଦିତ୍ୟ କୁମାର ପଣ୍ଡା ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦିକା ପ୍ରୀତିରେଖା ପରିଜା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟା ଭାନୁପ୍ରିୟା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ବୀରକିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶୁଳିଆପଦା ପୁଲିସ ପକ୍ଷରୁ ସଚେତନତା ଶିବିର

**ଶୁଳିଆପଦା, ୨୯।୧(ସମିସ):** ଶୁଳିଆପଦା ବ୍ଲକ କୋଷ୍ଠା ପଞ୍ଚାୟତ ଅଧୀନ ମହୁଲିସାହିରେ ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶକ୍ରମେ ଶୁଳିଆପଦା ପୁଲିସ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମଦ ମାରିବା, ବିକ୍ରି କରିବା, ସେବନ କରିବା, ଗୁଟଖା ଖାଇବା, ଜୁଆ ଖେଳ, ବିଭିନ୍ନ ପ୍ରକାର କୁସଂସ୍କାର, ନାବାଳିକା ଝିଅର ବିବାହ ନ କରିବା ଓ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏହି ଗାଁରେ ବିଭିନ୍ନ ପ୍ରକାର ନିଶା ସେବନ କରି ଅଳ୍ପ ବୟସରେ ଯୁବକମାନେ ମୃତ୍ୟୁମୁଖରେ ପଡ଼ିବା ସହିତ ଜୁଆ ଖେଳରେ ସର୍ବସ୍ୱାନ୍ତ ହେଉଥିବାରୁ ଗ୍ରାମର ମହିଳା ଏଣିକି ମଦ ବିରୋଧୀ ଅଭିଯାନ ପାଇଁ ଅଣ୍ଟା ଭିଡିଛନ୍ତି। ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ



ସଭାରେ ଶୁଳିଆପଦା ଏଏସଆଇ ରୂପଶ୍ରୀ ସ୍ୱାଇଁ, କୋଷ୍ଠା ସରପଞ୍ଚ ସୁମିତ୍ରା ଦାସ, ସମିତି ସଭ୍ୟା ନୟନା ପଲେଇ, ଶୁଳିଆପଦା ମଣ୍ଡଳ ବିଜେପି ସଭାପତି ପ୍ରଭାତୀ ସେଠୀ, ଯୁବ ସଂଗଠକ ଅନ୍ତର୍ଯ୍ୟାମୀ କାନୁନଗୋ, ପୂର୍ବତନ ସରପଞ୍ଚ ଚନ୍ଦ୍ରମୋହନ ନାଏକଙ୍କ ସମେତ ଶତାଧିକ ପୁରୁଷ, ମହିଳା ଓ ଯୁବକ ଉପସ୍ଥିତ ଥିଲେ।

ଉକ୍ତ ସଚେତନତା ଶିବିର ପରେ ଗାଁ ମହିଳାଙ୍କୁ ନେଇ ଏକ ମଦ ବିରୋଧୀ କମିଟି ଗଠନ ହୋଇଛି। କମିଟିର ମାଆମାନେ ଗାଁରେ ନିଶା ଦ୍ରବ୍ୟ ବିକ୍ରି, ସେବନ ସହିତ ଜୁଆ ଖେଳ କରାଇ ଦେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯେଉଁମାନେ ଉଲ୍ଲଙ୍ଘନ କରିବେ, ସେ ଦଣ୍ଡିତ ହେବ ବୋଲି ପୁରୁଷମାନେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

# ଭଲିବଲ କୋଚ୍ ମନୋରଞ୍ଜନ ଜୀଉଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ୨୯ ।୧(ସମିସ):** ଉତ୍ତରପ୍ରଦେଶର ବନାରସଠାରେ ଅନୁଷ୍ଠିତ ୭୨ତମ ଜାତୀୟ ଭଲିବଲ ଚାମ୍ପିଅନସିପ ଅବସରରେ ବାରିପଦାର ଭଲିବଲ କୋଚ ମନୋରଞ୍ଜନ ଜୀଉ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଚାମ୍ପିଅନସିପରେ ଓଡ଼ିଶା ଭଲିବଲ ଦଳର କୋଚ ତଥା ଓଡ଼ିଶା ଭଲିବଲ ଆସୋସିଏସନର ଉପସଭାପତିଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଆନ୍ଧ୍ରପ୍ରଦେଶ, ବିହାର, ତେଲେଙ୍ଗାନାକୁ ପରାସ୍ତ କରିଥିଲା। ଏ ଅବସରରେ ଶ୍ରୀ ଜୀଉଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟ ଅତୀତରେ ପାଇକସାହିସ୍ଥ ରଞ୍ଜିତ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଭଲିବଲ ଚାମ୍ପିଅନସିପ ଅବସରରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଜୀଉଙ୍କଠାରୁ ପ୍ରଶିକ୍ଷଣ ପାଇ ବହୁ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିବା ସହ ବହୁ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ବେହେରା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ବିଜେପି ସରକାର ବିରୁଦ୍ଧରେ ଯୁବ କଂଗ୍ରେସର ବିକ୍ଷୋଭ

**ମୋରଡା, ୨୯।୧(ସମିସ):** ଯୁବ କଂଗ୍ରେସ କର୍ମୀ ବିଜେପି ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ କଂଗ୍ରେସ ରାଲି ସ୍ଥାନୀୟ ପାରିଆଉଡ଼ାରୁ ଆରମ୍ଭ ହୋଇ ବିଭିନ୍ନ ନାରା ଦେଇ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ପୁରୀ ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ



ଦାସ, ଆଲୋକ ଦାସ ଯୋଗଦେଇ ବିଜେପି ଉପରେ ବର୍ଷିଥିଲେ। ପରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୋରଡା ବିଡିଓ ଅଣାକର ନାଏକଙ୍କୁ ପ୍ରଦାନ କରାଯାଇଥିଲା।

# ବୃତ୍ତି ପରୀକ୍ଷାରେ କିସ୍ ଛାତ୍ରୀଙ୍କ ସଫଳତା

**ବାରିପଦା, ୨୯ ।୧(ସମିସ):** ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ମୟୂରଭଞ୍ଜର ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବୃତ୍ତି ପରୀକ୍ଷା ଦେଇଥିବା ସମସ୍ତ ଚାରିଜଣ ଛାତ୍ରୀ ଜବାମଣି ଟୁଡୁ, ରିଙ୍କି ଟୁଡୁ, ସୀତା ହାଁସଦା, ମାୟା ଟୁଡୁ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବା ସହ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ସଫଳତା ପାଇଁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଗଣେଶ ମିଶ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ପ୍ରକାରର ସୁବିଧା ଓ ସହଯୋଗ ପ୍ରଦାନ ପାଇଁ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟ ଆରମ୍ଭ ହେବା ଦିନରୁ ପ୍ରତ୍ୟେକ ବର୍ଷ ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭାଗ ନେଉଥିବା ସମସ୍ତ ଛାତ୍ରୀ ବୃତ୍ତି ପାଉଛନ୍ତି।



## ମହୁଲିଆ ଆଦର୍ଶ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ

**ରାସଗୋବିନ୍ଦପୁର, ୨୯।୧(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ମହୁଲିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। କନ୍ୟାମାନଙ୍କ ସୁରକ୍ଷା, ଶିକ୍ଷା ଓ ସମାଜରେ ସେମାନଙ୍କର ସମାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଛାତ୍ରଛାତ୍ରୀ ନାରୀ ସଶକ୍ତିକରଣ ଓ ସମାଜ ଗଠନରେ କନ୍ୟାମାନଙ୍କ ଭୂମିକା ଉପରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଅଧକ୍ଷ ବାସୁଦେବ ଦାସ ପୌରୋହିତ୍ୟ କରି କନ୍ୟା ସନ୍ତାନଙ୍କ ଶିକ୍ଷା ଓ ସାମାଜିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବାର୍ଷିକ ଉତ୍ସବ ଚିରନ୍ତିନୀ ଉଦ୍‌ଯାପିତ

**କୁଳିଅଣା, ୨୯।୧(ସମିସ):** କୁଳିଅଣା ବ୍ଲକର ଚାନ୍ଦୁଆ ସରକାରୀ ଏସଏସଡି ବିଦ୍ୟାଳୟ ବାର୍ଷିକ ଉତ୍ସବ ଚିରନ୍ତିନୀ ଉଦଯାପିତ ହୋଇଛି। ଡିଡବ୍ଲ୍ୟୁଓ ଗୁରୁଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ସ୍ୱତନ୍ତ୍ର ଅତିଥି ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, କୁଳିଅଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ପ୍ରଫୁଲ୍ଲ କୁମାର ସେଠୀ, କୁଳିଅଣା ବ୍ଲକ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରି, ବୈକୁଣ୍ଠ ପ୍ରଧାନ, କୁଳିଅଣା ବ୍ଲକ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାୟକ, ଡକ୍ଟର ଭବାନୀ ଶଙ୍କର ବେହେରା, ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସିଂ, ମନୋଜ କୁମାର ପତି ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିହଲ। ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୌରମୋହନ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଶୁଳିଆପଦା, ୨୯।୧(ସମିସ):** ଗୌରମୋହନ ସାତୁଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଥମ ଅଧକ୍ଷ କୃଷ୍ଣଚନ୍ଦ୍ର ସାତୁଆଙ୍କ ପରଲୋକ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଉକ୍ତ ବିଦ୍ୟାଳୟରେ ଅଧକ୍ଷ ଦେବବ୍ରତ ଦେ, ସମସ୍ତ ଅଧ୍ୟାପକ ଅଧ୍ୟାପିକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶୋକସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସ୍ୱର୍ଗତ ସାତୁଆଙ୍କ ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ନବନିର୍ମାଣ କୃଷକ ସଂଘର ରାସ୍ତା ଅବରୋଧ

**ବେତନଟୀ, ୨୯।୧(ସମିସ):** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ସଂଗଠନ ପକ୍ଷରୁ ବେତନଟୀ ସତସଙ୍ଗବିହାର ନିକଟରେ ରାଜରାସ୍ତାକୁ ଅବରୋଧ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଚାଷୀ ସଂଘ ସଭାପତି ପ୍ରାଣବନ୍ଧୁ ପଲେଇ ଓ ବ୍ଲକ ସଭାପତି ପ୍ରଶାନ୍ତ କରଣଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ସମାଧାନ ନେଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ସଂଗଠନ ପକ୍ଷରୁ ବଡ଼ସାହି ବ୍ଲକ ସଭାପତି ରାମକୃଷ୍ଣ ନାଏକ, ପଦ୍ମଲୋଚନ ମହାନ୍ତ, ହରିଶ ଦାସ, ମଙ୍ଗଳ ସିଂ, ମହେନ୍ଦ୍ର ମହାନ୍ତ, ମୀନକେତନ ଗିରି, ସନ୍ତୋଷ ଗିରି, ଦଲୁରାମ ସିଂ, ଶ୍ରବଣ ଛାଟିଆ, ସୁବଳ ସାମିଲ, ଜୟନ୍ତ ମହାନ୍ତି, ସାଲ ଖାନ, ସୁଦାମ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

# ମାଣତ୍ରୀ ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ: ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ପାଇଁ ଉପଜିଲ୍ଲାପାଳଙ୍କ ଗୁରୁତ୍ୱ

**ବଡସାହି/ମାଣତ୍ରୀ, ୨୯ ।୧ (ସମିସ)**

ଆସନ୍ତା ୧୫ ତାରିଖରେ ମହାଶିବରାତ୍ରି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ପ୍ରସ୍ତୁତି। ଏହାକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ପ୍ରସିଦ୍ଧ ମହାଶିବରାତ୍ରି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାର କରୁଣାକର ଧିନ୍ଦା, ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତୀ ବିଶ୍ୱାଳ, ମାଣତ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭଗର ଅଧିକାରୀ, ପିଡବ୍ଲୁଡି, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲୁଏସଏସ ଯନ୍ତ୍ରୀ, ଅବକାରୀ, ଅଗ୍ନିଶମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚ, ପଟ୍ଟାଦାର ଓ ସେବାୟତ ଉପସ୍ଥିତ ରହି



ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ମେଳାକୁ କିପରି ସରସ ସୁନ୍ଦର କରାଯାଇପାରିବ, ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏକବାରଠାରୁ ଶିବରାତ୍ରି ମହାଦୀପ ଉଠିବା ପର୍ଯ୍ୟନ୍ତ ବ୍ରତୀମାନଙ୍କ ସୁରକ୍ଷା, ନିଃଶୁଳ୍କ ସ୍ଥାନ ନିରୂପଣ, ଅପରାଧ ନିୟନ୍ତ୍ରଣ ପାଇଁ ମନ୍ଦିର ପରିସରରେ ସିସି ଟିଭି କ୍ୟାମେରା ଲଗାଇବା, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ପୁଲିସ, ସ୍ୱେଚ୍ଛାସେବୀଙ୍କ ସେବା, ପିଇବା ପାଣି, ମନ୍ଦିର, ମେଳା ପଡ଼ିଆ ଓ ବଗିଚା ସଫେଇ, ବ୍ୟାରିକେଡ ନିର୍ମାଣ, ପଞ୍ଚାୟତରେ ଥିବା ସମସ୍ତ କୂପ ଓ ନଳକୂପ ମରାମତି, ବ୍ଲିଚିଂରେ ଶୋଧନ ସହିତ ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାର ନିର୍ମାଣ, ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ଓ ଦମକଳ ସେବା ଉପରେ ଗୁରୁତ୍ୱ ଦିଆଯାଇଛି।

ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ମାଣତ୍ରୀ ଛକରୁ ଚମ୍ପାନାଞ୍ଜି ମଧ୍ୟରେ ସମସ୍ତ ଯାନ ଚଳାଚଳ ନିଷିଦ୍ଧ କରାଯିବା ସହିତ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏତଦବାଦ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମନ୍ଦିରର ରଙ୍ଗ ଓ ସୌନ୍ଦର୍ଯ୍ୟକରଣ କାମ, ବେଢ଼ା, ମେଜିଆ, ନେତ୍ର ନାଳୁଆ, ରୋଷଶାଳ ମରାମତି ଶିବରାତ୍ରି ମେଳା ପୂର୍ବରୁ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଶିବରାତ୍ରିରେ ଶତାଧିକ ଦଣ୍ଡବତୀ ଦଣ୍ଡ ପଡ଼ି ରାସ୍ତାରେ ଆସୁଥିବାରୁ ଭକ୍ତଙ୍କ ଭାବାବେଗକୁ ଆଖିରେ ରଖି ମନ୍ଦିରକୁ ସଂଯୋଗ କରୁଥିବା ବେତନଟୀ-ମାଣତ୍ରୀ ଆରଡି ରାସ୍ତାର ଦୁର୍ଗାପୁରଠାରୁ ଚମ୍ପାନାଞ୍ଜି ପର୍ଯ୍ୟନ୍ତ ତୁରନ୍ତ ମରାମତି ପାଇଁ ଉପଜିଲ୍ଲାପାଳ ଉଦଳା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଳା କମିଟି ପକ୍ଷରୁ ସ୍ଥାନ ଆବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ଥର ମେଳାରେ ଯାତ୍ରାନୁଷ୍ଠାନ ଓଁକାର ଓ ଗ୍ରାଣ୍ଡମହଲ ପର୍ଯ୍ୟାୟକ୍ରମେ ସାତଦିନ ସେମାନଙ୍କ ନାଟକ ପରିବେଷଣ କରିବେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

ସକାଳ
THE SAKALA



## ଭୋଟର ସଚେତନତା ପଦଯାତ୍ରା



କେନ୍ଦୁଝର,୨୯ ।୧(ସମିସ): ମାଇ ଭାରତ କେନ୍ଦୁଝର ସହାୟତାରେ ସଦର ବ୍ଲକ ଅନ୍ତର୍ଗତ ମହାଦେବପୁର ଉତ୍ସର୍ଗ କ୍ଲବ ସହଯୋଗରେ ମହାଦେବପୁର ସ୍କୁଲ ପଡିଆରେ ଜାତୀୟ ଭୋଟର ଦିବସ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦର ବ୍ଲକର ୫ଟି ଗ୍ରାମର ଶତାଧିକ ଯୁବଗୋଷ୍ଠୀ ଓ ସ୍ୱୟଂସହାୟକ ଗୋଷ୍ଠୀ ମହାଦେବପୁରଠାରୁ ମଥୁରାମଣ୍ଡଳୀ ୩କିଲୋ ମିଟର ପଦଯାତ୍ରା କରିଥିଲେ। ପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସମ୍ମାନିତ ଅତିଥି ଭାବେ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲଓ ଭିଳାନାଥ ପାତ୍ର, ହିରଣ୍ୟ ମହାନ୍ତ ପ୍ରମୁଖ ନୂତନ ଭୋଟର,ଭୋଟ ଦେବାର ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ୱାର୍ଡମେମ୍ବର ସଭ୍ୟାରାଣୀ ଦେହୁରୀ, ଉତ୍ସର୍ଗ କ୍ଲବର ପ୍ରଶାନ୍ତ ନାଏକ, ପିତାମ୍ବର ମହାନ୍ତ, ସୁମନ୍ତ ନାଏକ, ସମୀର ନାଏକ, କରନ ନାଏକ, ବିଶ୍ୱଜିତ ନାଏକ ସହଯୋଗ କରିଥିଲେ।

## ଲୋକତନ୍ତ୍ର ସେନାନୀଙ୍କୁ ତାମ୍ରସନନ୍ଦ ପ୍ରଦାନ



ଆନନ୍ଦପୁର, ୨୯।୧ (ସମିସ): ଉପଜିଲ୍ଲାପାଳ ନୀଳମାଧବ ସୁନା ଲୋକତନ୍ତ୍ର ସେନାନୀ ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ତାମ୍ର ସନନ୍ଦ ପ୍ରଦାନ କରିଛନ୍ତି। ଆନନ୍ଦପୁର ମୁନିସିପାଲିଟିର ଦିବଙ୍ଗତ ଉପନଗରପାଳ ତଥା ଲୋକତନ୍ତ୍ର ସେନାନୀ ସଦସ୍ୟ ଦୁର୍ଗାଚରଣ ଦଳେଇଙ୍କ ତାମ୍ରସନନ୍ଦକୁ ତାଙ୍କ ଧର୍ମପତ୍ନୀ ପ୍ରତିଭା ବେହେରାଙ୍କୁ ପ୍ରଦାନ କରିଥିଲେ। ଅନ୍ୟତମ ଲୋକତନ୍ତ୍ର ସେନାନୀ ସୁରେଶ କୁମାର ପାଢ଼ୀଙ୍କ ଅସୁସ୍ଥତା ଯୋଗୁ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ତାଙ୍କ ଅନୁଜ ମହେଶ୍ୱର ପାଢ଼ୀ ଉପଜିଲ୍ଲାପାଳ ଶ୍ରୀ ସୁନାଙ୍କଠାରୁ ତାମ୍ର ସନନ୍ଦ ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଅଧ୍ୟାପକ ଗଦାଧର ମିଶ୍ର ସଂଯୋଜନା କରିଥିଲେ।

### ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ହେବେ ଚାଷୀ

କେନ୍ଦୁଝର: ୨୯।୧ (ସମିସ)






କେନ୍ଦୁଝର ସଦର ମହକୁମାସ୍ଥିତ କାଳୀ ପଡ଼ିଆଠାରେ ଆଜିଠାରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମହାସମାରୋହରେ ଆରମ୍ଭ ହୋଇଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି ଭାବେ ଏହି ମେଳାକୁ ଗୁରୁବାର ଉଦଘାଟନ କରିଛନ୍ତି। ଏହି ମେଳା ଆଜିଠାରୁ ଆସନ୍ତା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଟେଲିଫୋନ ଛକରୁ ଏକ ଶୋଭାଯାତ୍ରା ପରେ ବୃକ୍ଷରେ ଜଳଦାନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ମେଳାରେ କୃଷି ଯନ୍ତ୍ରପାତି କିଣିବା ଉପରେ ଚାଷୀଙ୍କୁ ୪୦%ରୁ ୭୫% ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯାଉଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ 'ସୁନାର ଓଡ଼ିଶା'ରେ ପରିଣତ କରିବା ଲକ୍ଷ୍ୟରେ ଆଧୁନିକ ଯନ୍ତ୍ରପାତିର ତଥା ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁକାନ୍ତ କୁମାର ସାହୁ, କୃଷି ଗବେଷଣା ଓ ଜ୍ଞାନ କୌଶଳ ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ କିଶୋରଚନ୍ଦ୍ର ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, କୃଷି ଅଧୀକ୍ଷଣଯନ୍ତ୍ରୀ ନରେନ୍ଦ୍ର ପଣ୍ଡା, ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ ବେହେରା ବକ୍ତବ୍ୟ ରଖିଥିଲେ। ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ବଣ୍ଟନ କରାଯାଇଥିଲା। ଶ୍ରୀଅନ୍ନ ଅଭିଯାନରେ ୩ଟି ମହିଳା ଗୋଷ୍ଠୀଙ୍କୁ 'ମିଲେଟ ଟିଫିନ ସେଣ୍ଟର' ପାଇଁ କାର୍ଯ୍ୟାଦେଶ, ଆମ୍ୱ ଯୋଜନାର ୪ଟି ସ୍ୱୟଂ ସହାୟ ଗୋଷ୍ଠୀଙ୍କୁ ମୂଳପାଣ୍ଠି ବାବଦରେ ୨୫ ହଜାର ଟଙ୍କାର ଚେକ୍, ଯନ୍ତ୍ରପାତି ବିତରଣରେ ୪ ଜଣ ହିତାଧିକାରୀଙ୍କୁ କୃଷି ଯନ୍ତ୍ରପାତିର ଚାବି ହସ୍ତାନ୍ତର କରାଯାଇଥିଲା। ଏହି ସଭାରେ କେନ୍ଦୁଝରର ଅଗ୍ରଣୀ ନାଟ୍ୟସଂସ୍ଥା ସୂରନିକେତନର କଳାକାରମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ଚମ୍ପୁଆ ସତ୍ୟବାନ ସୋରେନ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବ୍ଲକରୁ ପରିଭ୍ରମଣରେ ଆସି ଥିବା କୃଷକ ଭାଇ ଭଉଣୀ, ସମ୍ପ୍ରସାରଣକର୍ମୀ, କୃଷି ବୈଜ୍ଞାନିକ ଓ ସାଧାରଣ ଜନତା, ମେଳାରେ ୨୬ଟି ଯନ୍ତ୍ରପାତି ବିକ୍ରେତା ଏବଂ ଆଠଟି ସରକାରୀ ବିଭାଗ ତରଫରୁ ଖୋଲାଯାଇଥିବା ୭୦ଟି ପ୍ରଦର୍ଶନ ମଣ୍ଡପକୁ ବୁଲି ଦେଖିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ରାଇପୁରବାସୀଙ୍କୁ ପାନୀୟ ଜଳ ଯୋଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ୬ ମାସ ସମୟ ମାଗିଲେ ସରକାର

କଟକ,୨୯।୧(ସମିସ): ୨୦୨୦ରୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ରାଇପୁର ଗ୍ରାମକୁ ପାନୀୟଜଳ ପାଇପଲାଇନ ବିଛା କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବାସିନ୍ଦାମାନେ ପାନୀୟଜଳ ଯୋଗାଣ ସୁବିଧା ପାଇ ନାହାନ୍ତି। ଏନେଇ ରୁଜୁ ହୋଇଥିବା ଏକ ମାମଲାର ଶୁଣାଣି ସମୟରେ ଓଡ଼ିଶା ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ହାଇକୋର୍ଟ ରାଜ୍ୟ ସରକାରଙ୍କ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଅଦାଲତୀ ମାମଲା ପାଇଁ ପାଇପରେ ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ କରାଯାଇ ପାରି ନାହିଁ। ଫଳରେ ଉଦୟପୁର ଓ ଖଜିରାପାଟ ପଞ୍ଚାୟତକୁ ପାଇପରେ ପାନୀୟଜଳ ଯୋଗାଣ ସମ୍ଭବ ହୋଇ ପାରି ନାହିଁ। ଉଦୟପୁର ଗ୍ରାମପଞ୍ଚାୟତର ରାଇପୁର ଗ୍ରାମରେ ୨୦୨୦ରେ ପାଇପଲାଇନ ବିଛା କାର୍ଯ୍ୟ ସରିଥିବା ବେଳେ ଉପରୋକ୍ତ କାରଣ ପାଇଁ ପାନୀୟଜଳ ଯୋଗାଣ ହୋଇ ପାରି ନାହିଁ। ରାଇପୁର ଗ୍ରାମକୁ ମେଗା ପାଇପ ପାଣି ପ୍ରକଳ୍ପରେ ସଂଯୋଗ ପ୍ରଦାନ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥିପାଇଁ ଅଧିକ ୬ ମାସ ସମୟ ଲୋଡ଼ା। ହାଇକୋର୍ଟ ସରକାରଙ୍କ ନିବେଦନକୁ ଗ୍ରହଣ କରିଛନ୍ତି। ଏଥିସହ ସରକାର ଦର୍ଶାଇଥିବା ସମୟସୀମା ଭିତରେ ରାଇପୁର ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଣ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ନାଗରିକଙ୍କୁ ପାନୀୟଜଳ ଯୋଗାଇବା ସରକାରଙ୍କ ନୈତିକ ତଥା ସାମ୍ବିଧାନିକ ଦାୟିତ୍ୱ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶୁତୋଷ ମହାନ୍ତଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣିକରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୦ରେ ରାଇପୁର ଗ୍ରାମରେ ପାଇପ ବିଛା ଯାଇଥିଲା। ଏହାପରେ ମଧ ପାଇପ ପାନୀୟଜଳ ଯୋଗାଣ ସୁବିଧା ଗ୍ରାମବାସୀଙ୍କୁ ମିଳି ନଥିଲା।

### ● ବଢୁଛି ଗୁଟଖା କଳାବଜାରୀ; କାର୍ଯ୍ୟାନୁଷ୍ଠାନ ଶୂନ

## ଗୋଦାମରେ ବେଆଇନ ଗୁଟଖା ଗଚ୍ଛିତ, ବ୍ୟବସାୟୀ ମାଲାମାଲ

ତେଲକୋଇ, ୨୯।୧(ସମିସ): ରାଜ୍ୟରେ ଗୁଟଖା ଓ ତମାଖୁ କାରବାରକୁ ସରକାର ସମ୍ପୂର୍ଣ୍ଣ ବ୍ୟାନ ଘୋଷଣା କରିଛନ୍ତି। ଏହାସହ ତମାଖୁମୁକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ମାତ୍ର ଏହି କଟକଣା ପରେ ଗୁଟଖା ଓ ତମାଖୁ ବ୍ୟବସାୟୀଙ୍କ କଳା ବଜାରୀ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ମଧ୍ୟ ସବୁ ଜାଣି ଅଜଣା ରହିଛି। କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ଗୁଟଖା ଓ ତମାଖୁ ଜାତୀୟ ଦ୍ରବ୍ୟର କଳା ବଜାରୀ ଅହେତୁକ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। କିଏ ୨୦ ଟଙ୍କାରେ ୩ ଟି ଗୁଟଖା ବିକୁଛି ତ ଆଉ କିଏ ପ୍ୟାକେଟ ପ୍ରତି ୧୦ ଟଙ୍କା ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସରକାରଙ୍କ ଏହି କଟକଣାକୁ ଦୃଷ୍ଟି ରେ ରଖି ଗୁଟଖା ଯୋଗାଉଥିବା ବ୍ୟବସାୟୀମାନେ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଅସାଧୁ ଉପାୟ ଆପଣେଇ ଅଧିକ ଲାଭ ପାଇବା ଆଶାରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷିଦ୍ଧ ଘୋଷଣା ପରେ ଗୁଟଖା ଓ ତମାଖୁର ବେଆଇନ କାରବାର ବନ୍ଦ ହେବା ବଦଳରେ କଳାବଜାରୀ ଅହେତୁକ ବୃଦ୍ଧି ପାଇଛି। ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛନ୍ତି। ତେଲକୋଇ ଥାନାଞ୍ଚଳର ବିଭିନ୍ନ ବଜାରରେ କେତେକ ଅସାଧୁ ବ୍ୟବସାୟୀ ଗୁଟଖା ଓ ତମାଖୁ ଜାତୀୟ ଦ୍ରବ୍ୟ ବେଆଇନ ଭାବରେ ଗଚ୍ଛିତ ରଖି କଳା ବଜାରୀ କରିବାରେ ସକ୍ଷମ ହେଉଥିବା ବେଳେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି।

## 'ଭୋରୀ' ସମ୍ପାଦକ ସମ୍ବର୍ଦ୍ଧିତ

ତେଲକୋଇ, ୨୯।୧(ସମିସ): କେନ୍ଦୁଝର ଡେଭେଲପ୍‌ମେଣ୍ଟ କାଉନସିଲ ଓ ଭଏସ ଅଫ୍ କେନ୍ଦୁଝର ପକ୍ଷରୁ ଆୟୋଜିତ ହୋଇଥିବା ସିଟିଜେନ୍ ଆୱାର୍ଡ଼ ସମାରୋହ ୨୦୨୫ ଅବସରରେ ତେଲକୋଇ "ଭୋରୀ' ଅନୁଷ୍ଠାନର ସମ୍ପାଦକ ନରୋତ୍ତମ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ, କେନ୍ଦୁଝର ମ୍ୟୁନିସପାଲିଟି ଅଧ୍ୟକ୍ଷା ନିକୁ ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ ସନ୍ଦୀପ କୁମାର ପଟ୍ଟନାଏକ ପରିଚାଳନା କରିଥିଲେ।



## ସିଲିପଦାରୁ ୮ ଫୁଟ୍‌ର ଅଜଗର ଉଦ୍ଧାର



ଡୁରୁମୁଙ୍ଗା, ୨୯।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ସିଲିପଦା ଗାଁ ନିକଟ ରାସ୍ତାକଡ଼ରେ ଥିବା ଏକ କାଜୁ ଗଛ ଉପରୁ ଏକ ୮ ଫୁଟର ଅଜଗର ସାପକୁ ଗୁରୁବାର ବନ ବିଭାଗ ଉଦ୍ଧାର କରି ଧାନବେଣୀ ହୁଡ଼ିରେ ଛାଡିଛି। ଗଛ ଉପରେ ଥିବା ସାପକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ପକ୍ଷରୁ ଅଟଳ ସେଠୀ, ସହଦେବ ସେଠୀ, କାର୍ତ୍ତିକେଶ୍ୱର ମହାନ୍ତ ପହଞ୍ଚି ସାପକୁ ଉଦ୍ଧାର କରି ହୁଡ଼ିରେ ଛାଡିଥିବା ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରା କହିଛନ୍ତି।

### ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା

## ଝାଡ଼ଖଣ୍ଡରୁ ଆଉଜଣେ ଗିରଫ

ବଡବିଲ,୨୯।୧ (ସମିସ): ଗତ ୧୯ ତାରିଖରେ ବଡ଼ବିଲ ସହରର ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ଡ଼କାୟତି ଘଟଣାରେ ସ୍ଥାନୀୟ ପୁଲିସ ଆଉ ଜଣେ ଅଭିଯୁକ୍ତକୁ ଝାଡ଼ଖଣ୍ଡରୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ଦୁଇ ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫ ସଂଖ୍ୟା ତିନିରେ ପହଞ୍ଚିଛି। ସୂଚନା ମୁତାବକ, ଝାଡ଼ଖଣ୍ଡ ଧାନବାଦ ଜିଲ୍ଲା ତେଶ୍ରା ବସ୍ତି ଅଞ୍ଚଳର ମୂଳ ବାସିନ୍ଦା ଅଭିରଞ୍ଜନ କୁମାର(୪୪ ବର୍ଷ)କୁ ଗିରଫ କରାଯାଇ ବୁଧବାର ଅଦାଲତ ଚାଲାଣ କରାଯାଇଛି। ସେ କିଛି ଦିନ ହେବ କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅଧୀନ ବିଲେଇପଦାରେ ଏହି ଘରୋଇ ସଂସ୍ଥାରେ ରହି କାମ କରୁଥିଲା। ଏହି ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଡକାୟତି ପୂର୍ବରୁ ଦୁର୍ବୃତ୍ତମାନେ ଏକାଧିକ ଥର ଉକ୍ତ ବ୍ୟାଙ୍କ୍‌କୁ ଆସି ନିରୀକ୍ଷଣ କରିଥିଲେ। ଗିରଫ ହୋଇଥିବା ଅଭିରଞ୍ଜନ୍ କୁମାର ଗତ ଡିସେମ୍ବର ୨୯ ତାରିଖରେ ଅନ୍ୟମାନଙ୍କ ସହ ମିଶି ଉକ୍ତ ବ୍ୟାଙ୍କ୍ ମଧ୍ୟକୁ ଆସିଥିଲା।

## ହୋଇପାରିଲାନି ବିଦ୍ୟାଳୟର ପାଚିକା ଚୟନ



ହାଟଡ଼ିହୀ,୨୯।୧(ସମିସ): ହାଟଡ଼ିହୀ ବ୍ଲକ ଭାତକରୁଆ ପ୍ରାଥମିକ ବିଦ୍ୟାଳୟରେ ହୋଇପାରିଲା ନାହିଁ ପାଚିକା ଚୟନ। ମଧ୍ୟାହ୍ନ ଭୋଜନ ଯୋଜନା ଅନୁସାରେ ପାଚିକା ପଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଚୟନ ନିମନ୍ତେ ଆହ୍ୱାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ନିୟମ ବିରୋଧୀ ଆଚରଣ ହେତୁ ସ୍ଥଗିତ କରାଯାଇଥିଲା। ସିଆରସିସି ନିହାର ରଞ୍ଜନ ସ୍ୱାଇଁଙ୍କ ସଂଯୋଜନାରେ ବୈଠକଟି ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାତକରୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ଖୁଣ୍ଟିଆ, ସହକାରୀ ଶିକ୍ଷକ ଅକ୍ଷୟ ଖଟୁଆ ଉପସ୍ଥିତ ଥିଲେ। ଚୟନ ପ୍ରକ୍ରିୟା ସମୟରେ ସ୍କୁଲ କମିଟି ନିୟମାବଳୀକୁ ଅବହେଳା କରାଯାଇ ତର୍କ–ବିତର୍କ ସୃଷ୍ଟି ହେବାରୁ ଗ୍ରାମବାସୀ ଆପତ୍ତି ଜଣାଇଥିଲେ। ଏହି ପରିସ୍ଥିତି ଯୋଗୁଁ ବୈଠକକୁ ସ୍ଥଗିତ କରାଯାଇଥିଲା। କୌଣସି ପ୍ରାର୍ଥୀଙ୍କୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ବା ଚୟନ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ ପାଚିକା ପଦ ପାଇଁ ମୋଟ ୪ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଜଣେ ଅନୁସୂଚିତ ଜାତି, ଜଣେ ଅନୁସୂଚିତ ଜନଜାତି ଏବଂ ଅନ୍ୟ ୨ ଜଣ ଅନ୍ୟାନ୍ୟ ପଛୁଆ ବର୍ଗର ଥିଲେ।

## ମାରୁତି ସ୍ମାରକୀ ରାତ୍ରକାଳୀନ କ୍ରିକେଟ ୭ରେ



ଆନନ୍ଦପୁର, ୨୯।୧ (ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତର ହରିପୁର ଗ୍ରାମର ବଜରଙ୍ଗ ବଲୀ ଯୁବକ ସଂଘ ଦ୍ୱାରା ଆୟୋଜିତ ହେବାକୁଥିବା ଚତୁର୍ଥ ବାର୍ଷିକ ମାରୁତି ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୭ ଓ ୮ ତାରିଖରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବାନେଇ ସ୍ଥିର ହୋଇଛି। ୪ ଦଳକୁ ନେଇ ପ୍ରଥମ ରାତ୍ରୀ କ୍ୱାର୍ଟର ଫାଇନାଲ ଓ ଦ୍ୱିତୀୟ ରାତ୍ରୀରେ ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ବୈଠକରେ ମାନସ ପାତ୍ର, ଆଲୋକ ନାଥ, ରଘୁନାଥ ଗାହାଣ, ସନାତନ ନାଥଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# କୁମୁଣିଆ ରାସ୍ତା ନିମ୍ନମାନର; ତଦନ୍ତ ବାଟବଣା!

ଆନନ୍ଦପୁର, ୨୯।୧(ସମିସ)



କୁମୁଣିଆ ନିମ୍ନମାନର ରାସ୍ତା କାମ ସମ୍ପର୍କରେ ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦନ୍ତ ଆରମ୍ଭ କରିଛି। ୨୧୫ ନମ୍ବର ଜାତୀୟ ରାଜପଥ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲଠାରୁ କୁମୁଣିଆ ପର୍ଯ୍ୟନ୍ତ ହୋଇଥିବା ରାସ୍ତା କାମ ନିମ୍ନମାନର ବୋଲି ଗତ ଡିସେମ୍ବର ୧୮ ତାରିଖରେ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ବିଭାଗ ପକ୍ଷରୁ ଅଧିକାରୀ ଓ ଯନ୍ତ୍ରୀ ଆସି ରାସ୍ତାର ବିଭିନ୍ନ ସ୍ଥାନରେ ଏହାର ମାନ ପରୀକ୍ଷା କରିଛନ୍ତି। ଠିକାଦାରଙ୍କ ଉପସ୍ଥିତି ଓ ଇଙ୍ଗିତରେ ଯେନତେନ ପ୍ରକାରେ ପରୀକ୍ଷା କରାଯାଉଥିବା ଦେଖିବାକୁ ମିଳିଛି।

ସୂଚନାରୁ ପ୍ରକାଶ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨ କୋଟି ୧୩ ଲକ୍ଷ ୭୬ ହଜାର ୯୫୭ ଟଙ୍କାରେ ଏହି ଟେଣ୍ଡର ଜାରି ହୋଇଥିଲା। ୧୬୫୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଆଉ ୧୦ ଲକ୍ଷ ୨୩ ହଜାର ୮୭୯ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଚୁକ୍ତିନାମାର ସର୍ତ୍ତାବଳୀ ଅନୁସାରେ ଡିପିଆର, ବୈଷୟିକ ନିର୍ଦ୍ଦିଷ୍ଟକରଣ ଓ ଗୁଣାତ୍ମକ ମାନକୁ କଡାକଡି ପାଳନ କରିବା ପାଇଁ ଉଲ୍ଲେଖ ରହିଥିଲା। ହେଲେ ଠିକାଦାର ଏହାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଓ ଡିପିଆର ଅନୁସାରେ କାର୍ଯ୍ୟ ହେଉ ନଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଥିବା ପିଚୁ ରାସ୍ତାକୁ ସମ୍ପୂର୍ଣ ନଷ୍ଟ କରିବା ପରେ ଏହାର ଅବଶେଷକୁ ବାହାର କରିବା କଥା; ହେଲେ ବିଭିନ୍ନ ସ୍ଥାନରେ ପୁରୁଣା ପିଚୁକୁ ରାସ୍ତାରେ ବ୍ୟବହାର କରାଯାଇଛି। ଫଳରେ ଏହାର ଗୁଣବତ୍ତା ଓ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ରାସ୍ତା କାମରେ ବ୍ୟବହାର ହୋଇଥିବା ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ଆଦୌ ପରୀକ୍ଷା କରାଯାଇ ନାହିଁ। ଏହି ରାସ୍ତା ଉପରେ ଆନନ୍ଦପୁର ବ୍ଲକ୍, ପୌରାଞ୍ଚଳ ଓ ଘଷିପୁରା ବ୍ଲକ୍ ଅଞ୍ଚଳର ଲୋକେ ଅଧିକ ନିର୍ଭରଶୀଳ। ସେହିପରି ଏହି ରାସ୍ତା ଡାକ୍ତରଖାନା, ବ୍ଲକ୍ ଓ ତହସିଲ ଆଦି କାର୍ଯ୍ୟାଳୟକୁ ସଂଯୋଗ କରିଛି। ଏହି ରାସ୍ତା ନିର୍ମାଣରେ ବଡ ଧରଣର ଅନିୟମିତତା ଓ ଦୁର୍ନୀତି ହୋଇଥିବା ସାମାଜିକ କର୍ମୀ ହିମାଂଶୁ ନାୟକ ସନ୍ଦେହ କରିଛନ୍ତି। ଠିକାଦାରଙ୍କୁ ନିମ୍ନମାନର କାମ ପାଇଁ କଳାତାଲିକାଭୁକ୍ତ କରିବା ପାଇଁ ସେ ଦାବି କରିଛନ୍ତି। ତେବେ, ତଦନ୍ତକୁ ନେଇ ମଧ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ହାଟଡ଼ିହୀ,୨୯।୧(ସମିସ): ହାଟଡ଼ିହୀ ବ୍ଲକ ଅଁରାସ୍ଥିତ ଗୋଠନାହାକାଣୀ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ ବିଶ୍ୱାଳଙ୍କ ସଂଯୋଜନାରେ ଏହି ବିଦାୟୀ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ, ସ୍କୁଲ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟଟି ୧୯୯୨ରୁ ଆରମ୍ଭ ହୋଇଥିଲା ବେଳେ ବର୍ତ୍ତମାନ ୭୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପରମ୍ପରାକ୍ରମେ ଚଳିତବର୍ଷ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଗଦାଧର ମହାପାତ୍ର, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ, ଶିକ୍ଷକ ବିଶ୍ୱଭୂଷଣ ପାତ୍ର, ଦୀପକ ନାୟକ, ବିଶ୍ୱମ୍ବର ବେହେରା, ଭାଗିରଥି ପାଢ଼ୀ, କିରାଣି ରତ୍ନାକର ସେନାପତି ପ୍ରମୁଖ ପରିଚାଳନା କରିଥିଲା ବେଳେ ସ୍କୁଲ କର୍ମଚାରୀ ବାସୁଦେବ ଦାସ, ନରହରି ଖଣ୍ଡେଇ, ଗୌରାଙ୍ଗ ସାହୁ ଏଥିରେ ସହଯୋଗ କରିଥିଲେ। ବିଦାୟୀ ଛାତ୍ରଛାତ୍ରୀଙ୍କ ମୁହଁରେ ସମ୍ୟକ ଖୁସି ଥିଲାବେଳେ ସ୍କୁଲର ଜୀବନରୁ ବିଦାୟ ନେଉଥିବାରୁ ସେମାନଙ୍କ ମୁହଁରେ ଅଧିକ ଦୁଃଖ ପରିଲକ୍ଷିତ ହୋଇଥିଲା।

ସକାଳ THE SAKALA



# କପ୍ତିପଦାରେ ମନରେଗା ଯୋଜନା ବାଟବଣା

କପ୍ତିପଦା, ୨୯।୧(ସମିସ): କପ୍ତିପଦା ବ୍ଲକରେ ଭିବି ଜି ରାମ ଜି (ମନରେଗା) ଯୋଜନା ବାଟବଣା ହେଉଛି । କେଉଁଠି କାମ ନ ହୋଇ ଟଙ୍କା ଉଠିଛି ତ ଆଉ କେଉଁଠାରେ ଜଙ୍ଗଲ ମଝିରେ




ଧାନକିଆରିରେ ହୋଇଛି କେନାଲ । ଯାହାର ଫାଇଦା ପାଇବାକୁ କେହି ନାହାଁ । କାହାରି କାମରେ ଆସୁ ନ ଥିବା ଏହି କେନାଲରେ ମୁଠାଏ ମାଟି ନ ପଡ଼ି ବି ମଷ୍ଟରରୋଲରେ ଲାଗିଛି ଟଙ୍କା । ଏଭଳି ଘଟଣା ଦେଖିବାକୁ ମିଳିଛି ସରଡିହା ପଞ୍ଚାୟତରେ । ଏହି କାମ ପିସିପୁରରୁ ଲୋଗସାହି ନାମରେ ଫଳକ ଲାଗିଛି । କିଛି ବି କାମ ହୋଇ ନ ଥିବାବେଳେ କେବଳ ଫଳକ ଲଗାଇ ଲୁଟ ହୋଇଥିବା ଜଳ ଦେଖାଯାଉଛି ।

ଏହା ଆଦିବାସୀ ଅଧ୍ୟୁଷିତ ଓ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳ । ଏଠାରେ ଶ୍ରମିକ ଶ୍ରେଣୀର ଲୋକ ବସବାସ କରୁଥିବାବେଳେ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଅନଭିଜ୍ଞ । ଏହାର ସୁଯୋଗ ନେଇ ଏ ଅଞ୍ଚଳରେ ମାଲେମାଲ ହେଉଛନ୍ତି ଠିକାଦାର । ଏଠାରେ ୧୦୦ ଦିନର କାମ ସ୍ୱପ୍ନ । ସେହିପରି ଯୋଜନା କାର୍ଯ୍ୟକାରୀ ହେଉଛି, ସରକାରୀ ଖାତାରେ ଲେବର କାମ କରିଥିବାର ଫଟୋ ମଧ୍ୟ ଲାଗୁଛି । ପ୍ରକୃତରେ ଜଙ୍ଗଲ ଜମିରେ ଜେସିବି ସାହାଯ୍ୟରେ ମାଟି ଉତ୍ତୋଳନ କରି ଟ୍ରାକ୍ଟର ସାହାଯ୍ୟରେ ତିଆରି ହେଉଛି ଗ୍ରେଡୱାନ ମେଟାଲିଂ । ଏଭଳି ଦୃଶ୍ୟ ହେଉଛି ଭଞ୍ଜସାହିଠାରୁ ସରେଙ୍ଗସାହି ପର୍ଯ୍ୟନ୍ତ ରାସ୍ତା କାମ । ଏଠାରେ ଫଳକ ନ ଥିବାବେଳେ ଟଙ୍କା ଉଠାଣ ଚାଲିଛି । ଫଳରେ ନିରୀହ ଆଦିବାସୀ କାମ ନ ପାଇ ଦାଦନ ଖଟିବାକୁ ବିଦେଶ ଯିବାକୁ ବାଧ୍ୟ ହେଉଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆମ ପଞ୍ଚାୟତରେ ସେଭଳି କାମ ହୋଇ ନ ଥିବା କହିଛନ୍ତି । ବିଡିଓ ରେଶମା ଟେଟେଙ୍କୁ ପଚାରିବାରୁ ସହକାରୀ ଯନ୍ତ୍ରୀଙ୍କୁ




ପଠାଇ ତଦନ୍ତ କରିବା ପରେ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ସାଇ ଆଦର୍ଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ



ବାରିପଦା, ୨୯ ।୧(ସମିସ): ବାରିପଦା ସହରର ରଘୁନାଥପୁରସ୍ଥ ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଗଣତନ୍ତ୍ର ଦିବସ ପାଳିତ ହେବା ସହିତ ବାର୍ଷିକ ଉତ୍ସବ ସାଇ ମୂର୍ଚ୍ଛନା -୨୦୨୬ ସାଇ ଆଦର୍ଶ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଆଶିଷ ଦେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ ଶିକ୍ଷାନୁଷ୍ଠାନର ପ୍ରଶଂସା କରିବା ସହ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ମହେନ୍ଦ୍ର ହାଁସଦା ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ମୁଖ୍ୟ ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ସାହୁ ଭିତ୍ତିଭୂମି ଓ ଆଗାମୀ ଶିକ୍ଷା ନୀତିକୁ ନେଇ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସଭାପତି ଡଃ ଦେବେଶ ଶଙ୍କର ହୋତା ଯୋଗଦେଇ ଛୋଟ ଗଳ୍ପ ମାଧ୍ୟମରେ ଉପଦେଶ ଦେଇଥିଲେ । ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶିକା ମୀନାରାଣୀ ସାହୁ ସାଇ ଆଦର୍ଶ ଗ୍ରୁପର ସମସ୍ତ ଶିକ୍ଷାନୁଷ୍ଠାନରେ ସାଧାରଣ ପରିବାରର ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ଶିକ୍ଷା ପାଇପାରିବେ ବୋଲି କହିଥିଲେ । ଉପଦେଷ୍ଟା ପ୍ରଦୀପ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲ ଅଧକ୍ଷା ଡଃ ଲକ୍ଷ୍ମୀପ୍ରିୟା ପାଢ଼ୀ ଯୋଗ ଦେଇଥିବାବେଳେ ସାଇ ଆଦର୍ଶ ଡିଗ୍ରୀ କଲେଜ ଅଧକ୍ଷ ଜିତେନ୍ଦ୍ର ପାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା ୨୫ ଜଣ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ, ବୀଣାପାଣି ଏଜ୍ୟୁକେସନାଲ୍ ଟ୍ରଷ୍ଟ ଆୟୋଜିତ ହୋଇଥିବା ମେଧାବୀ ପରୀକ୍ଷାରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ରାଶି ଦେଇ ପୁରସ୍କୃତ କରାଯାଇଥିଲା । ଏଥିସହ ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୯ ।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ରିଜର୍ଭ ପୁଲିସ ପଡ଼ିଆରେ କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ପୁଲିସ ଆରଆଇଙ୍କ ଆନୁକୂଲ୍ୟରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଜାଦ କ୍ଲବ, ବେଲଗଡ଼ିଆ, ବଡ଼ବ୍ରାହ୍ମଣମରା ଟିମ ସମେତ ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ପୁଲିସ ଟିମ ୩-୨ ସେଟରେ ମା’ କିଚକେଶ୍ୱରୀ ଭଲିବଲ ଏକାଡେମୀକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ରାଜେଶ ଦାସ, ସ୍ନେହାଶିଷ ମହାନ୍ତି, ଗୌରାଙ୍ଗ ମହାନ୍ତ ଓ ମନୋରଞ୍ଜନ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ଦୀପକ ମୁଣ୍ଡା, ଚନ୍ଦ୍ରମୋହନ ଦଲେଇ ଓ ରାଜେନ୍ଦ୍ର ନାଥ ନାୟକ ସ୍କୋରିଂରେ ସହାୟତା କରିଥିଲେ । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ତହସିଲଦାର ସପନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ଅଶୋକ ପଟ୍ଟନାୟକ, ଅମର ସେଠୀ, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଞ୍ଜନ ପଣ୍ଡା ଓ ପ୍ରଦୀପ ବେହେରା, ହାବିଲଦାର ଓ କନେଷ୍ଟବଲ ସଂଘ ସମ୍ପାଦକ ସ୍ୱରାଜ ରାଜ, ବରିଷ୍ଠ କ୍ରୀଡ଼ାବିତ, ମଣ୍ଟୁ ଦା, କୈଳାସ ବେହେରା, ବିଶ୍ୱଜିତ ନାୟକ, ପ୍ରଭାସ ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ସଞ୍ଜୟ ମହାନ୍ତ, ଓମ୍‌ପ୍ରକାଶ ମହାନ୍ତ, ସମୀର ଦେଓ, ଯୋଗା ଜେନା ପିନାକୀ ପୁରସ୍କୃତ ହୋଇଥିଲେ । ସୋମନାଥ ସିଂହ, କୋଚ ମନୋରଞ୍ଜନ ଜାଉ, ଭାନୁପ୍ରତାପ ଭଞ୍ଜଦେଓ ଓ ଶାନ୍ତିଲତା ଜାଉ ଓ ଦିବ୍ୟଜିତଜାଉ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶିକ୍ଷାଶ୍ରୀ ଗୁରୁକୁଳର ବାର୍ଷିକ ଉତ୍ସବ

କପ୍ତିପଦା, ୨୯।୧(ସମିସ): କପ୍ତିପଦାସ୍ଥ ଶିକ୍ଷାଶ୍ରୀ ଗୁରୁକୁଳର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ଶ୍ରୀଧର ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରଭଞ୍ଜନ ରାଉତ ସିଭିଏମର ଫାଉଣ୍ଡର ଏଣ୍ଡ ଚେୟାରମ୍ୟାନ, ମୁଖ୍ୟବକ୍ତା ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ସମ୍ମାନିତ ଅତିଥି ଶିକ୍ଷାବିତ ଶତ୍ରୁଘନ ମହାନ୍ତି, ଅଧ୍ୟକ୍ଷ ନାରାୟଣ ପଣ୍ଡା, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କପ୍ତିପଦାର ପ୍ରଧାନ ଶିକ୍ଷକ ଗୋଲକ ବେଜ ପ୍ରମୁଖ ଯୋଗଦେଇ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଉପାଦେୟ ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷ ଶ୍ରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ବନ୍ଦିତା ସେନାପତି ଅତିଥି ପରିଚୟ, ଶିକ୍ଷୟିତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷୟିତ୍ରୀ ମମତା ଦୀକ୍ଷିତ, ପ୍ରିୟଙ୍କା ବାରିକ, ରେଖା କିରଣ, ପଦ୍ମିନୀ ପୁହାଣ, ମିନତୀ ମିଶ୍ର, ସ୍ୱର୍ଣ୍ଣଲତା ଦାସ, ଜ୍ୟୋତିରେଖା ବେହେରା, ତପସ୍ୱିନୀ ବେହେରା, ରାନିମା ବେହେରା, ମମତା ରାୟ, ଉମାକାନ୍ତ ବାରିକ, ମଞ୍ଜୁଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଗୋପବନ୍ଧୁନଗର, ୨୯।୧(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ରାଢ଼ୋ ଗ୍ରାମସ୍ଥ ବିଦ୍ୟାଳୟର ୧୯୮୩ ଓ ୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଜୟବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି । ରମେଶ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରଲୋକଗତ ୩ ଜଣ ଶିକ୍ଷକ, ୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକଙ୍କ ମଧ୍ୟରେ ରବୀନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ଦାସ, ନରେନ୍ଦ୍ର ରାଉତ, ମହେଶ୍ୱର ପୃଷ୍ଟି, ଶ୍ରୀକାନ୍ତ ବେହେରାଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ । କିରଣ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରୁକ୍ମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଞ୍ଜୟ ମିଶ୍ର, ପ୍ରଦୀପ ତ୍ରିପାଠୀ, ସୁନୀଲ ରାଉତ, ଦାମୋଦର ରାଉତ, ଖଗେଶ୍ୱର ବେହେରା, ଗୀତାଞ୍ଜଳି ମହଲା, ରାନୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜୟ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ବଡ଼ସାହି, ୨୯।୧(ସମିସ): ବାଘମରାସ୍ଥ ବିଜୟ ଉଚ୍ଚବିଦ୍ୟାଳୟ ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ରଣଷଣ୍ଡ, ଶିକ୍ଷକ ସୃଷ୍ଟିଧର ପରିଡ଼ା, ହରିଶ୍ଚନ୍ଦ୍ର ସେନାପତି, ରସାନନ୍ଦ ଲେଙ୍କା, ପ୍ରତାପ ରଣସିଂ, ଭଗବାନ ବେହେରା, ଛତିଶ ମହାନ୍ତ, ବର୍ତ୍ତମାନର ସଂସ୍କୃତ ଶିକ୍ଷକ ନିରଦ ଜେନା ଓ ବିଜ୍ଞାନ ଶିକ୍ଷକ ତପନ ଦାସ ଯୋଗ ଦେଇଥିଲେ । ସ୍ଥାନୀୟ ସିଆରସିସି ମିନତୀ ପଣ୍ଡା, କମିଟି ସଭାପତି ବିଜୟ ନାଏକ, ସ୍ଥାନୀୟ ଚର୍ଚ୍ଚର ଫାଦର ଯୋସେଫ୍ କେରକେଟା ଓ ସିଷ୍ଟର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । କୁଆଁର ହେମ୍ବ୍ରମ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ୟାମସୁନ୍ଦର ମାଣ୍ଡି, ଭୀମ ମୁର୍ମୁ, ଦୁର୍ଯ୍ୟୋଧନ ସରେନ୍, ବିକ୍ରମ ସରେନ୍, ରମେଶ ବାସ୍କେ, ମଙ୍ଗଳ ବିନ୍ଧାଣୀ, ପାନ ମୁର୍ମୁ, ଦଲାନ ମୁର୍ମୁ, ସରସ୍ୱତୀ ମହାନ୍ତ, ଲକ୍ଷ୍ମୀ ମାର୍ଣ୍ଡି ଯୋଗ ଦେଇଥିଲେ । ନନ୍ଦୁ ମାର୍ଣ୍ଡି ମଞ୍ଚ ପରିଚାଳନା କରିଥିବାବେଳେ ଦୟାନିଧି ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମା’ ସୁନେଇରୁପେଇ ଯୁଥ୍ କ୍ଲବ୍‌ର ବାର୍ଷିକ କ୍ରୀଡ଼ା

ଠାକୁରମୁଣ୍ଡା, ୨୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ଖଡ଼ିପାଳ ଗ୍ରାମରେ ମା’ ସୁନେଇରୁପେଇ ଯୁଥ୍ କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ତାଳପଦା ପଞ୍ଚାୟତର ସମାଜସେବୀ ସତ୍ୟାନନ୍ଦ ପଲେଇ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ରାଉତରାୟ, ୱାର୍ଡ ମେମ୍ବର ଗୋବିନ୍ଦ କୁଲାପଡ଼ିଆ, ଗ୍ରାମର ମୁଖିଆ ସର୍ବେଶ୍ୱର ଦେହୁରୀ, ଜଗତ ନାଇକ, ରଞ୍ଜିତ କୁଲାପଡ଼ିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ଦୌଡ଼, ଲମ୍ଫଡିଆଁ, ଇନ୍ ଆଉଟ୍, ଲେମ୍ବୁ ଚାମଚ୍, ଶଙ୍ଖଫୁଙ୍କା, କୋଳି ଗୋଟା, ବେଲୁନ ଫଟା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଭାପତି ତପନ ସେଠୀ, ସମ୍ପାଦକ ସାଗର କୁଲାପଡ଼ିଆ, ସଦସ୍ୟ ଭାଗୀରଥି କୁଲାପଡ଼ିଆ, ଲିଟୁ ସେଠୀ, ଜଗତ ଦେହୁରୀ, ରାଜେଶ ସାରପୁରିଆ, ବିଜୁ ସାରପୁରିଆ, ବେଣୁଧର ନାଏକ, ପୁରସ୍ତମ ନାଏକ, ଘୁନା ଦେହୁରୀ, ଭରତ ସାରପୁରିଆ, ଶମ୍ଭୁ ସାରପୁରିଆ ପ୍ରତିଯୋଗିତା ପରିଚାଳନା



କରିଥିଲେ । ଶେଷରେ ନୃତ୍ୟ ପରିବେଷଣ କରାଯାଇଥିଲା । ସୁରେଶ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଗୀତିକାର ଦେବବ୍ରତ ମହାନ୍ତ କଳା ପ୍ରଦର୍ଶନ କରିଥିଲେ । ତପନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ଏସ୍‌ଡି ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଶୋଇ, ୨୯ ।୧(ସମିସ) : ବିଶୋଇ ବ୍ଲକ ବାଡୁଣିଆ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସମ୍ପୂର୍ଣ୍ଣା-୨୦୨୬’ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା



ପ୍ରଜ୍ଞା ପ୍ରସବିନୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଶୋଇ ବ୍ଲକ ତହସିଲଦାର ସତ୍ୟବାନ ନାଏକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଡେପୁଟି ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗଦେଇ ଜ୍ଞାନ ଆହରଣ ସହିତ ଉତ୍ତମ ଆଦର୍ଶ, ଚରିତ୍ର ଗଠନ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ମୁଖ୍ୟବ୍ୟକ୍ତା ଭାବେ ସିଡିପିଓ ବିଟୁ ଟୁଡୁ ଯୋଗଦେଇ ସମାଜର ପ୍ରତ୍ୟେକ କ୍ଷେତ୍ରରେ କିଶୋରୀଙ୍କୁ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇଟିଡିଏର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକ, ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଦୀପ୍ତିରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ମୋହନଲାଲ କାହାଳି ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ରାଧାକାନ୍ତ ଦଲେଇ, ସୁଜିତ ପରିଡ଼ା, ସରୋଜିନୀ ମାର୍ଣ୍ଡି, ଗୁରୁକଲ୍ୟାଣ ମଙ୍ଗରାଜ, ଅଭିଜିତ ଦୀକ୍ଷିତ, ସୁଶ୍ରୀ ସ୍ୱୟଂ ପ୍ରଜ୍ଞା ମହାନ୍ତି, ମାଳତୀ ଦଲେଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଗ୍ରିଆ ମହୋତ୍ସବରେ ରକ୍ତଦାନ ଶିବିର

ବେତନଟୀ, ୨୯।୧(ସମିସ): ବୀଣାପାଣି ଯୁବକ ସଂଘ ପକ୍ଷରୁ ଚାଲିଥିବା ୨୩ତମ ଆଗ୍ରିଆ ମହୋତ୍ସବ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କ୍ଲବ୍‌ର ଉପଦେଷ୍ଟା ରବୀନ୍ଦ୍ର ମହାନ୍ତି, ସଭାପତି ଶିବନାରାୟଣ ଘୋଷ, ଯୁବ ସଂଗଠକ ଚନ୍ଦ୍ରଶେଖର ବେରା, ବେତନଟୀ ବ୍ଲକ ସାମ୍ବାଦିକ ସଂଘ ଉପସଭାପତି ଗତିକୃଷ୍ଣ ମହାନ୍ତ, ଯୁବନେତା ବିକାଶ ଦାସ, ସଞ୍ଜୀବ ଜେନା, କେଶବ ନାଥ, ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବାରିପଦା ରକ୍ତ କେନ୍ଦ୍ର ଅଧିକାରୀ ଡ. ଏଲିସା ସାହୁ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ନର୍ସିଂ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ, ନିତିଶ ସାମଲ, ସତ୍ୟଜିତ ମହାନ୍ତ, କରୁଣାକର ଜେନା, ସକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ



ଦାସ, ସୁମନ୍ତ ପରିଡ଼ା, ବୀରକିଶୋର ବିଶ୍ୱାଳ, ଦିଲ୍ଲୀପ ମହାନ୍ତି, ରାକେଶ ମହାନ୍ତ, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ପାଦକ ଜୀବନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# କପ୍ତିପଦାରେ ଜବରଦଖଲ ଉଚ୍ଛେଦ

କପ୍ତିପଦା, ୨୯।୧(ସମିସ): କପ୍ତିପଦାକୁ ନୂତନ ଏଏନସି ଘୋଷଣା ହୋଇଛି । ଏନଏସି ମାନ୍ୟତା ପାଇବା ପରେ ଆଜି ପ୍ରଶାସନ



ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । କପ୍ତିପଦା ବ୍ଲକଠାରୁ ଗୋଲେଇ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ମାସରେ ପୁନର୍ବାର ଜବରଦଖଲ ଉଚ୍ଛେଦ ହେବ । ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ସମୟରେ ୧୮୭ ଦୋକାନ ଜବରଦଖଲ ଉଚ୍ଛେଦ କରାଯାଇଛି । ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । କପ୍ତିପଦା ତହସିଲଦାରଙ୍କ ସମେତ ଦୁଇଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଚାଲିଛି । ଏନଏସି ପାଇଁ ଆବଶ୍ୟକ ସମସ୍ତ ସରକାରୀ ଜାଗାକୁ ଖାଲି କରିବା ସହିତ ବିଶେଷକରି ରାସ୍ତା ସମ୍ପ୍ରସାରଣ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିବା କହିଛନ୍ତି କପ୍ତିପଦା ତହସିଲଦାର । କୌଣସି ଅପ୍ରୀତିକାର ପରିସ୍ଥିତିକୁ ନଜରରେ ରଖି ବ୍ୟାପକ ପୁଲିସ ମୁତୟନ ହୋଇଛି । ଏଥିସହିତ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଭେଣ୍ଡିଂ ଜୋନ କରି ଥଇଥାନ କରାଯିବ ବୋଲି ତହସିଲଦାର କହିଛନ୍ତି ।

# ସାଧାରଣତନ୍ତ୍ର ଦିବସ ପାଳିତ

ବେତନଟୀ, ୨୯।୧(ସମିସ): ବେତନଟୀ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ସଭାପତି ଜୟନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ଯୋଗଦାନ କରିଥିଲେ । ବେତନଟୀ ବ୍ଲକର ୨୭ଟି ଟ୍ରୁପର ଛାତ୍ରଛାତ୍ରୀ ଜାତୀୟ ଦିବସ ପାଳନ ଅବସରରେ ପ୍ୟାରେଡରେ ଭାଗ ନେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ପିରାମିଡ ଓ ନୃତ୍ୟ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ । ପ୍ୟାରେଡ ପରେ



ସମସ୍ତ ସିନିୟର, ଜୁନିୟର ଓ ସବଜୁନିୟର ଟ୍ରୁପ ମଧ୍ୟରୁ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ସିନିୟରରେ ପ୍ରଥମସ୍ଥାନ ଗ୍ରହଣ କରିଥିବା ଏମପିସି ହାଇସ୍କୁଲର ଏନସିସି ଟ୍ରୁପକୁ ବଂଶୀଧର ମହାନ୍ତି ମେମୋରିଆଲ ଟ୍ରଫି, ଦ୍ୱିତୀୟ ହୋଇଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବାଳକ ଟ୍ରୁପ ସମ୍ପର୍କ ୯୫ର ଟ୍ରଫି, ତୃତୀୟ ହୋଇଥିବା ଦିବ୍ୟଜ୍ୟୋତି କନଭେଣ୍ଟ ବାଳିକା ଟ୍ରୁପକୁ କାର୍ତ୍ତିକେଶ୍ୱର ପଟ୍ଟନାୟକ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ଜୁନିୟରରେ ପ୍ରଥମ ବିଜେତା ଭାବେ ସରକାର ଉଚ୍ଚ ବାଳିକା ବିଦ୍ୟାଳୟ ସିଭିଲ ଟ୍ରୁପକୁ ନିରଞ୍ଜନ ପରିଡ଼ା ମେମୋରିଆଲ ଟ୍ରଫି, ଦ୍ୱିତୀୟ ହୋଇଥିବା ସଠିଲୋ ହାଇସ୍କୁଲ ବାଳକ ଟ୍ରୁପକୁ ପୀତାମ୍ବର ମଡୁଆଲ ଟ୍ରଫି, ତୃତୀୟ ହୋଇଥିବା ଶ୍ରୀଅରବିନ୍ଦ ବାଳକ ଟ୍ରୁପକୁ ସତ୍ୟପ୍ରକାଶ ବେହେରା ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା । ସବଜୁନିୟରରେ ପ୍ରଥମ ବିଜେତା ଶ୍ରୀଅରବିନ୍ଦ ବାଳିକା ଟ୍ରୁପକୁ ଧୀରେନ୍ଦ୍ର ପଟ୍ଟନାୟକ ମେମୋରିଆଲ ଟ୍ରଫି, ଦ୍ୱିତୀୟ ହୋଇଥିବା ସ୍ୱାମୀ ବିବେକାନନ୍ଦ ଓଡ଼ିଆ ବିଦ୍ୟାଳୟକୁ ସୁବାସ ମୁନି ମେମୋରିଆଲ ଟ୍ରଫି, ତୃତୀୟ ହୋଇଥିବା ଲିଟିଲ ଇଂରାଜୀ ସ୍କୁଲକୁ ଯୋଗୀ ଏକାଠୀ-୮୯ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା । ବେଷ୍ଟ ଡିସିପ୍ଲିନ ସ୍କୁଲ ଭାବେ ଏମପିସି ହାଇସ୍କୁଲକୁ ଟିଆରକେ ଏକାଡେମୀ ଟ୍ରଫି ପ୍ରଦାନ କରାଯାଇଥିଲା । ବେତନଟୀ ବ୍ଲକର ବିଶିଷ୍ଟ ଶିକ୍ଷାବିତ୍ ବିନୀତା ଦାଶ, ବିଶିଷ୍ଟ ସେବିକା ଉର୍ମିଳା ଦଲେଇ, ବିଶିଷ୍ଟ ପୁଲିସ କର୍ମଚାରୀ ଚୈରି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଚନ୍ଦ୍ରଶେଖର ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ବାରିପଦା:** ସ୍ଥାନୀୟ ପାଲବଣୀଠାରେ ବିଭିନ୍ନ ସଂଗଠନର ମିଳିତ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୟୂରଭଞ୍ଜ ମିଳିତ ନିର୍ମାଣ ଶ୍ରମିକ ସଂଘ ସଭାପତି କାହ୍ନୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ସଭାପତି ନନ୍ଦ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଟ୍ରେଡ ୟୁନିୟନ ନେତା ଜଗବନ୍ଧୁ



ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହେଶ୍ୱର ବେହେରା, ଶ୍ରୀକାନ୍ତ ବୋଷ, ପ୍ରଫୁଲ୍ଲ ମହାନ୍ତି, ବରୁଣ ମହାନ୍ତ, ଟିକିନା ସିଂ, ସୁବାସିନୀ ବିନ୍ଧାଣୀ, ମୁକେଶ ମହାନ୍ତ, ସଦାନନ୍ଦ ପାତ୍ର, ପ୍ରକାଶ ଘୋଡାଇ, ବିଜୟ ମହାନ୍ତ, ହେମନ୍ତ ଗିରି, ଉଇଲସନ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

**ବାରିପଦା:** ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ସାଧାରଣତନ୍ତ୍ର ଦିବସ ବାରିପଦା ମୁଖ୍ୟ ବଜାର ସେବା ସଂଘ ହଲ୍ ସମ୍ମୁଖରେ କଂଗ୍ରେସ ଦଳର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ପତାକା ଉତ୍ତୋଳନ କରିଥିବାବେଳେ



କଂଗ୍ରେସ ନେତା ଅଶୋକ ଅଧିକାରୀ ସହଯୋଗ କରିଥିଲେ । ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା ପ୍ରତିଷ୍ଠା ଓ ଦେଶର ଜନଗଣଙ୍କୁ ସମତା ପ୍ରାପ୍ତ କରାଇବାର ସଂକଳ୍ପବଦ୍ଧତାର ମୂଳ ଲକ୍ଷ୍ୟ ନେଇ ଆଜିର ଦିନରେ ସମ୍ବିଧାନ କାର୍ଯ୍ୟକାରୀ କରାଯାଇଥିବା ଓ ତାକୁ ଆମେ ଭାରତବାସୀ ଗ୍ରହଣ କରି ଏହାର ସମାନ ଉପଯୋଗ ପାଇଁ ଅଙ୍ଗୀକୃତ ଥିବାବେଳେ କ୍ଷମତାସୀନ ରାଜନୈତିକ ଦଳ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଦେଶର ଶ୍ରମିକ, କୃଷକ, ଛାତ୍ର, ଯୁବ, ମହିଳା, ବୁଦ୍ଧିଜୀବୀ, ସଂଖ୍ୟାଲଘୁ, ଦଳୀୟ, ଆଦିବାସୀଙ୍କ ହକ୍ ଓ ଅଧିକାର ଉପରେ ଆକ୍ରମଣ ଚଳାଇଛନ୍ତି । ସମ୍ବିଧାନର ମୂଳ ମନ୍ତ୍ରକୁ ସୁରକ୍ଷିତ ରଖିବା ଓ ଆକ୍ରମଣକାରୀଙ୍କୁ ମୁକାବିଲା କରିବା ପାଇଁ ଐକ୍ୟବଦ୍ଧ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ସିପିଏମର ପୂର୍ବତନ ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ, କଂଗ୍ରେସ ଦଳର ଚୈତନ୍ୟ ହାଁସଦା, ଜ୍ୟୋତି ପ୍ରକାଶ ରଥ, ଦୀପକ ଦାଶ, ନିର୍ମଳ ପ୍ରଧାନ, ଅଭିଷେକ ଶର୍ମା, ରତନ ଶର୍ମା, ଶୁଭସ୍ମିତା ଦାସ, ଅଜିତ ଜେନା, ସମାଜସେବୀ ରାଜକିଶୋର ଅଗ୍ରୱାଲ, ବିପ୍ଳବ ଜେନା, ସିପିଆଇର ଶ୍ରୀକାନ୍ତ ସାମଲ, ମୁକୁନ୍ଦ ବିଶୋଇ ପ୍ରମୁଖ ସାମିଲ ହୋଇଥିଲେ ।

